ଭାରତୀୟ ଜନତା ପାର୍ଟି
କେନ୍ଦ୍ରୀୟ କାର୍ଯ୍ୟାଳୟ
୧୧, ଅଶୋକ ରୋଡ଼, ନୂଆ ଦିଲ୍ଲୀ-୧୧୦୦୦୧
ଫୋ.ନଂ-୦୧୧-୨୩୦୦୫୭୦୦, ଫା.ନଂ-୦୧୧ ୨୩୦୦୫୭୮୭

ତା.୨୮. ୦୧.୨୦୧୩

ଭାରତୀୟ ଜନତା ପାର୍ଟିର ରାଷ୍ଟ୍ରୀୟ ପ୍ରବକ୍ତା ଶ୍ରୀମତୀ ନିର୍ମଳା ସୀତାରାମନଙ୍କ ପ୍ରେସ ଇସ୍ତାହାର ।

୧ – ଏକ ପ୍ରମୁଖ ଦୈନିକ ଖବର କାଗଜ ଆଜି ଉତ୍ତର ପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀ ସୁଶ୍ରୀ ମାୟାବତୀଙ୍କ ଭାଇଙ୍କ କମ୍ପାନୀରେ ହୋଇଥିବା ହଜାର କୋଟି ଟଙ୍କାର ଆର୍ଥିକ ବ୍ୟାପାର ସମ୍ପର୍କରେ ପ୍ରକାଶ କରିଅଛି ।

ଉତ୍ତର ପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କ ଭାଇ ଶ୍ରୀ ଆନନ୍ଦ କୁମାରଙ୍କ ୭ ଟି କମ୍ପାନୀ ଗୁଡ଼ିକୁ ମାୟାବତୀଙ୍କ କାର୍ଯ୍ୟକାଳ (୨୦୦୭-୧୨)ର ୫ ବର୍ଷ ମଧ୍ୟରେ ପ୍ରାୟ ୭୫୭ କୋଟି ଟଙ୍କାର ଅର୍ଥ ରାଶି ମିଳିଅଛି ।

୨୦୧୧ ବିଧାନ ସଭା ନିର୍ବାଚନ ସମୟରେ ଭା.ଜ.ପା ନିର୍ବାଚନ ଅଧିକାରୀ ମାନଙ୍କୁ ଆନନ୍ଦ କୁମାରଙ୍କ ୭୬ ଟି କମ୍ପାନୀ ଚାଲୁ ରଖିବା, ବେନିୟମ କାର୍ଯ୍ୟରୁ ଅର୍ଜିତ କଳାଧନକୁ ପରିବର୍ତ୍ତିତ କରି ଧଳାଧନ କରି ବିପୁଳ ଅର୍ଥ ଅର୍ଜନ କରିବା କଥା ଜଣାଇଥିଲେ । ଭା.ଜ.ପା ଅଭିଯୋଗ କରିଥିଲା ମୁଖ୍ୟମନ୍ତ୍ରୀଙ୍କ ସମ୍ପର୍କୀୟ ହୋଇଥିବାର ଫାଇଦା ଉଠାଇ ଶ୍ରୀ କୁମାରଙ୍କ ଉକ୍ତ କମ୍ପାନୀ ଗୁଡ଼ିକ ଅନ୍ୟ କରଦାତା କମ୍ପାନୀ ମାନଙ୍କରେ ମଧ୍ୟ ପୁଞ୍ଜି ନିବେଶ କରିଛନ୍ତି । ମାତ୍ର ଆଜି ଇକୋନୋମିକ ଟାଇମ୍ସ ରେ ପ୍ରକାଶିତ ହୋଇଥିବା ଘଟଣା ପୁନର୍ବାର ଭା.ଜ.ପା ର ଅଭିଯୋଗକୁ ସତେଜ କରିଅଛି । ଶ୍ରୀ କୁମାରଙ୍କ କମ୍ପାନୀର ଅଜ୍ଞାତ ସମ୍ପତ୍ତି ବିକ୍ରିରୁ ପ୍ରାପ୍ତ ଲାଭ ତଥା ମିଛ କମ୍ପାନୀ ମାନଙ୍କର ବୃଦ୍ଧି ପାଇଥିବା ଦରରେ ସେୟାର ବିକ୍ରି ଆଦି ବିଭିନ୍ନ ରହସ୍ୟମୟ ଉପାୟରେ ଅର୍ଥରାଶି ମିଳିଥିବା ତଥ୍ୟ ଆଜି ମଧ୍ୟ ଉଦ୍ଘାଟିତ ହୋଇନାହିଁ । ଆହୁରି ମଧ୍ୟ ଶ୍ରୀ କୁମାରଙ୍କର କ୍ଷତିରେ ଚାଲୁଥିବା କମ୍ପାନୀ ଦ୍ୱାରା ତୃତୀୟ ପକ୍ଷରୁ ଅନିର୍ଦ୍ଦିଷ୍ଟ ସାହାର୍ଯ୍ୟ ପାଇଁ ଟଙ୍କା ଅଗ୍ରୀମ ନେବା ନୀତି ଠିକ ଭାଦ୍ରାଙ୍କ ନୀତି ଭଳି ଅଟେ ।

ଶ୍ରୀ କୁମାରଙ୍କୁ ମିଳିଥିବା ଉକ୍ତ ଅର୍ଥରାଶିର ଉତ୍ସ କଅଣ ? ମାତ୍ର କିଛି ପରିମାଣର ଅର୍ଥ ନିବେଶ ଫଳରେ ଯେଉଁ ବିରାଟ ଲାଭାଂଶ ମିଳିଅଛି ତାହା କିପରି ମିଳିଅଛି ? ବହୁଜନ ସମାଜ ପାର୍ଟିକୁ ଏପରି ଅନେକ ପ୍ରଶ୍ନର ଉତ୍ତର ଦେବାକୁ ଅଛି । ହେଲେ ତାକୁ କଂଗ୍ରେସ ନେତୃତ୍ୱାଧୀନ ଉ.ପା ସରକାରର ସହଯୋଗ ମିଳୁଅଛି । ଯାହା ବିଦେଶୀ ପ୍ରତ୍ୟେକ୍ଷ ପୁଞ୍ଜି ନିବେଶ ଖୁଚୁରା ବ୍ୟବସାୟରେ ଆଣିବା ନେଇ ପାର୍ଲିଆମେଣ୍ଟରେ ତର୍କ ସମୟରେ ମାୟାବତୀଙ୍କ ଦ୍ୱିପାର୍ଶିକ ମତାମତରୁ ସ୍ପଷ୍ଟ ଜାଣିହୁଏ ।

- ଭା.ଜ.ପା ଉକ୍ତ କମ୍ପାନୀ ଗୁଡ଼ିକ ଉପରେ ଲଗା ଯାଇଥିବା ଅଭିଯୋଗର ଯାଞ୍ଚ କରିବାକୁ ଦାବି କରୁଅଛି ।
- ଅର୍ଥ ମନ୍ତ୍ରୀ କଅଣ ଉକ୍ତ କମ୍ପାନୀ ଗୁଡ଼ିକୁ ନୋଟିସ ଦେବ ?
- କଅଣ ବହୁଜନ ସମାଜ ପାର୍ଟିର ମୁଖ୍ୟଙ୍କ ଭାଇଙ୍କ ଉକ୍ତ କମ୍ପାନୀ ଗୁଡ଼ିକର ଯାଞ୍ଚ କରାଯିବ ?
- କଅଣ କମ୍ପାନୀ ବିଭାଗର ମନ୍ତ୍ରାଳୟ ଉକ୍ତ କମ୍ପାନୀର ଦସ୍ତାବିଜର ଖାନ ତଲାଶ କରି ତାହାକୁ ଜବତ କରିବ ?

୨–ଭାରତର କୃଷକଙ୍କ ନେଇ ହୋଇଥିବା ଆଉ ଏକ ଘୋଟାଲା ପ୍ରକାଶ ପାଇଥିବାରୁ ସି.ଏ.ଜି କୁ ଧନ୍ୟବାଦ । ତାହା ହେଲା, ଫେବୃଆରୀ ୨୦୦୮ ରେ ଉ.ପା ସରକାରଙ୍କ ଦ୍ୱାରା କୃଷକମାନଙ୍କ ଋଣ ଛାଡ଼ କରାଇବାର ଯେଉଁ ୫୨,୨୮୦ ଟଙ୍କାର ଯୋଜନା ଘୋଷଣା କରାଯାଇଥିଲା । ସି.ଏ.ଜି ସେଥିପାଇଁ ଏପ୍ରିଲ ୨୦୧୧ ଓ ମାର୍ଚ୍ଚ ୨୦୧୨ ମଧ୍ୟରେ ଯେଉଁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କାହାରାଯାଇଛି ତାହାର ଲେଖାକୁ ପରୀକ୍ଷଣ କରିଅଛି । ଯେଉଁଥିରେ ୨୫ଟି ରାଜ୍ୟର ୯୦,୫୭୬ ଜଣ କୃଷକଙ୍କୁ ସାମିଲ କରାଯାଇଛି । ଯାହାଙ୍କର ଖାତା ୯୨ଟି

ଜିଲ୍ଲାର ୭୧୫ଟି ଶାଖାରେ ଥିଲା । ମିଡ଼ିଆ ଦ୍ୱାରା ପ୍ରକାଶ ପାଇଥିବା ସି.ଏ.ଜି ରିପୋର୍ଟରୁ ଜଣାଯାଏ କି, ଯୋଜନା ଗୁଡ଼ିକର କାର୍ଯ୍ୟକାରିତା ପାଇଁ କୌଣସି ପ୍ରକାରର ରକ୍ଷଣା ବେକ୍ଷଣ ବ୍ୟବସ୍ଥା ହୋଇନଥିଲା । ସେଥିନେଇ ଆୟୋଜିତ ହୋଇଥିବା ବୈଠକର କୌଣସି ଲିଖିତ ବ୍ୟୁରୋ ଉପଲବ୍ଧ ନାହିଁ।

ସବୁଠାରୁ ଚିନ୍ତାର କାରଣ ଏହି କି, ଗତ ପାଞ୍ଚ ବର୍ଷ ମଧ୍ୟରେ ସରକାର କରଦାତାଙ୍କଠାରୁ ଆସିଥିବା ୫୨,୦୦୦ କୋଟି ଟଙ୍କାର ଉପଯୁକ୍ତ ବ୍ୟବହାର ହୋଇଛି କି ନାହିଁ । ଆଗାମୀ ସମସ୍ୟାର ଚିନ୍ତା କରି ଅର୍ଥମନ୍ତ୍ରୀ ୧୧, ଜାନୁଆରୀ ୨୦୧୩ରେ ଆର.ବି.ଆଇ ଓ ନାବାର୍ଡ଼କୁ ନିର୍ଦ୍ଦେଶ ଦେଇଥିଲା କି, ପଥଭ୍ରଷ୍ଟ ବ୍ୟାଙ୍କ ଓ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ। ସେମାନେ ଅଯୋଗ୍ୟ କୃଷକଙ୍କଠାରୁ ମଧ୍ୟ ଅର୍ଥ ଆଦାୟ କରିବାକୁ କହିଥିଲେ ।

-ଭା.ଜ.ପା ଅବଶିଷ୍ଟ ୩.୪୪ କୋଟିରୁ ଉର୍ଦ୍ଧ କୃଷକ ଯେଉଁମାନେ କି ଋଣ ମୁକ୍ତ ହୋଇଥିବା ଜନିତ ଲାଭ ପାଇଛନ୍ତି ସେମାନଙ୍କ ଖାତାର ପରୀକ୍ଷଣ କରିବା ପାଇଁ ଦାବି କରିଅଛି। ୨୦୦୯ ର ନିର୍ବାଚନକୁ ଆଖି ଆଗରେ ରଖି ଅର୍ଥମନ୍ତ୍ରୀ ଶ୍ରୀ ପି.ଚିଦାମ୍ବରମ କେବଳ ଋଣକୁ ଛାଡ଼ କରିବାର ଯୋଜନା ପ୍ରସ୍ତୁତି କରିଥିଲେ ଓ ତତପରେ ଅର୍ଥମନ୍ତ୍ରୀ ଶ୍ରୀ ପ୍ରଣବ ମୁଖାର୍ଜୀ ବିନା କିଛି ଚିନ୍ତା କରି ତାହାକୁ ଲାଗୁ କରିଦେଇଥିଲେ। ଯାହାର ଲାଭ ଉପଯୁକ୍ତ ପାତ୍ର ପାଖରେ ପହଞ୍ଚି ପାରିନାହିଁ ବୋଲି ଅଧୁନା ସି.ଏ.ଜି ତଥ୍ୟ ଉପସ୍ଥାପିତ କରିଅଛି।

-ଭା.ଜ.ପା ଦାବି କରେ କି, ଉ.ପା ସରକାରଙ୍କର ଦୁଇଜଣ ଅର୍ଥମନ୍ତ୍ରୀ ଶ୍ରୀ ଚିଦାମ୍ବରମ ଓ ଶ୍ରୀ ମୁଖାର୍ଜୀ ନିଜର ଭୂମିକା ତଥା ଦାୟିତ୍ୱ ସମ୍ପର୍କରେ ଜଣାନ୍ତୁ। ସରକାର ଉକ୍ତ ଯୋଜନା ଗୁଡ଼ିକର କାର୍ଯ୍ୟପଛା ସୁନିଶ୍ଚିତ କରିବା ଜନିତ ଖାମଖିଆଲି ନୀତି ଓ ନିଷ୍କ୍ରିୟତା ସମ୍ପର୍କରେ ସ୍ୱଷ୍ଟତା ଦିଅନ୍ତୁ।

ଓ.ପି.କୋହଲି
ମୁଖ୍ୟାଳୟ ପ୍ରଭାରୀ